# Akashvani, Sambalpur

## SAMBALPURI NEWS BULLETIN

### 30 December 2024- 6.47- 6.52 am.

*********************************************

ମନ୍ କି ବାତ୍          ଆର୍ଏନ୍ୟୁ/ ସମ୍ବଲପୁର

ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଜରିଏ ଗଲାକାଏଲ୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ୍ ଆର୍ ବିଦେଶ୍‌ର ଲୁକ୍‌କର୍ ସାଙ୍ଗେ ଭାବ୍ ବିନିମୟ କରିଛନ୍ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସଂସ୍କୃତି, ଜାତୀୟ ଏକତା ବାଗିର୍ ଭିନ୍ ଭିନ୍ ବିଷେଥି କହିଥିଲେ । ସମ୍ବିଧାନ୍‌ର ପରମ୍ପରା ସହେତେ ସାଧାରଣ୍ ଲୁକ୍‌କୁ ଜୁଡ଼୍‌ବାର୍ ଲାଗି ଗୁଟେ ଖାସ୍ ୱେବ୍‌ସାଇଟ୍ constitution75.com ର ପ୍ରଚଲନ୍ ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ପ୍ରୟାଗ୍‌ରାଜ୍‌ଠାନେ ଆଏବା ୧୩ ତାରିଖ୍‌ନୁ ହେବାର୍‌କେ ଥିବା ମହାକୁମ୍ଭ ମେଳା ଦେଶର୍ ବିବିଧତାକେ ଦର୍ଶାଉଛେ ବଲି ଶ୍ରୀ ମୋଦୀ କହିଛନ୍ ।

ନିଜର୍ ଚେରେଷ୍ଟା ବଲେ କଲାହାଣ୍ଡି ଜିଲ୍ଲାର୍ ଗୋଲାମୁଣ୍ଡା ବ୍ଲକ୍‌କେ ଚାଷୀମାନେ ପରିବା ହବ୍ କରିଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀ ତାଙ୍କର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ସେମାନ୍‌କୁ ପ୍ରଶଂସା କରିଛନ୍ । ହେନ୍ତା ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନାର୍ ମହତ୍ୱ ବୁଝେଇକରି ସ୍ୱାସ୍ଥ୍ୟ କ୍ଷେତ୍ରଥି ଦେଶ୍‌କେ ମିଳିଥିବା ୨ ଟା ବଡ଼ ଉପଲବ୍ଧି ବାବ୍‌ଦେ ଭିଲ୍ ପ୍ରଧାନ୍‌ମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବନେଶ୍ୱର ୟୁନିଟ୍ ୫ ଠାନେ ଥିବା ଅଭିଯୋଗ ଶୁଣାଣି ପ୍ରକୋଷ୍ଠଠାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ଜନସାଧାରଣଙ୍କର୍ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କର୍‌ବେ । ଜନସାଧାରଣ ପଞ୍ଜିକୃତ ପ୍ରାପ୍ତି ସ୍ୱୀକାର୍ ପତ୍ର ସହେତେ ନିଜର୍ ବ୍ୟକ୍ତିଗତ ପରିଚୟ ପତ୍ର ଧରିକରି ଧାରିଜ୍ ସମିଆଥି ଉପସ୍ଥିତ୍ ରହିକରି ନିଜର୍ ଅଭିଯୋଗ୍ ଶୁନେଇପାର୍‌ବେ ବଲି ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଶ୍ରୀମନ୍ଦିର୍ ନୂଆବର୍ଷ ପ୍ରସ୍ତୁତି I&PR

ଆଏବା ନୂଆବଛର୍ ଅବ୍ସରେ ପୁରୀ ଶ୍ରୀମନ୍ଦିର୍ ନ ଶ୍ରଦ୍ଧାଲୁମାନ୍କର୍ ଭିଡ଼୍କେ ନଜର୍ଥି ରଖିକରି ବ୍ୟାପକ୍ ପ୍ରସ୍ତୁତି କରାଯାଇଛେ । ଡିସେମ୍ବର୍ ୩୧ ଆର୍ ଜାନୁଆରୀ ୧ ତାରିଖ୍ ମାହାପୁରୁମାନ୍କର୍ ଦର୍ଶନ୍ ଲାଗି ଭକ୍ତମାନେ ଖାଲି ସିଂହଦୁଆର ଦେଇକରି ପ୍ରବେଶ୍ କରିପାର୍ବେ ଆଉ ବାକି ତିନ୍ହିଟା ଦୁଆର୍ ଦେଇକରି ବାହାରିପାର୍ବେ । ରତ୍ନଭଣ୍ଡାର୍ ମରାମତି କାମ୍କେ ଆଏବା ୨ ତାରିଖ୍ତକ୍ ସ୍ଥଗିତ୍ ରଖାଯାଇଛେ । ମାହାପୁରୁମାନ୍କର୍ ସୁବ୍ୟବସ୍ଥିତ୍ ଦର୍ଶନ୍ ଲାଗି ନାଟମଣ୍ଡପ୍ ଠାନୁ ଅନଧିକୃତ ଅବରୋଧକେ ଉଠେଇ ଦିଆଯାଇଛେ । ଇ ୨ ଦିନ୍ ମାହାପୁରୁମାନ୍କର୍ ଶୃଙ୍ଖଳିତ୍ ନୀତିକାନ୍ତି ଲାଗି ସେବାୟତ୍ ଆର୍ ମନ୍ଦିର୍ ପ୍ରଶାସନ୍ ଭିତ୍ରେ ଆଲୋଚନା ହେଇଛେ ।

ରସାୟନ ବିଜ୍ଞାନ୍ ପ୍ରତିଷ୍ଠାନ୍ I&PR

ରାଏଜେ ଆଏବା ଦିନେ ରସାୟନ ବିଜ୍ଞାନ୍ ପ୍ରତିଷ୍ଠାନ୍ ଥାପ୍ନା ହେବା ବଲି ଓଡ଼ିଶା କେମିକାଲ୍ ସୋସାଇଟିର୍ ୩୮ ନମ୍ବର୍ ବାର୍ଷିକ୍ ସମ୍ମିଲନୀଥି ଯୋଗ୍ ଦେଇକରି ବିଜ୍ଞାନ୍ ଆଉ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଓଡ଼ିଶା ବୈଷୟିକ ଆଉ ଗବେଷଣା ବିଶ୍ୱବିଦ୍ୟାଳୟ- ଓୟୁଏଟି ଠାନେ ରସାୟନ୍ ବିଜ୍ଞାନ୍

ଅଗ୍ରଗତି ବାବଦ୍ ୩ ଦିନିଆ ଜାତୀୟ ସମ୍ମିଲନୀଥି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, ସମାଜ୍‌ର ସୁରକ୍ଷା ଦିଗେ ବିଜ୍ଞାନ୍ କାମ୍ କର୍‌ବାର୍ ଦର୍‌କାର୍ । ଏନ୍ତା କାର୍ଯ୍ୟକ୍ରମ୍ ମାନ୍‌କର୍ ଦ୍ୱାରା ଯୁବ ବୈଜ୍ଞାନିକ୍‌ମାନେ ବହୁତ୍ ମାତ୍ରାଥି ଉପକୃତ ହେବେ ବଲି ମନ୍ତ୍ରୀ କହିଛନ୍ ।

ଧର୍ମେନ୍ଦ୍ର ପ୍ରଧାନ୍-ପଦଯାତ୍ରା ଆର୍‌ଏନ୍‌ୟୁ / ସମ୍ବଲପୁର

ଇଂରେଜ୍‌ମାନ୍‌କର୍ ସଙ୍ଗେ ଲଢ଼େଇ କରିକରି ବୀର ସୁରେନ୍ଦ୍ର ସାଏଙ୍କର୍ ଭାଇ ଛବିଲ ସାଏଙ୍କର୍ ସହେତେ ୫୭ ଝନ୍‌କର୍ ବଲିଦାନ୍‌କେ ସୁର୍‌ତା କର୍‌ବାର୍ ଲାଗି ଆଏଜ୍ କୁଦୋପାଲି ବୀର୍ ଛବିଲ ସାଏ ସ୍ମୃତି କମିଟି ତର୍‌ଫୁ ଗୁଟେ ପଦଯାତ୍ରା ଆୟୋଜନ୍ କରାଯାଉଛେ । ସମ୍ବଲ୍‌ପୁର୍ ଜିଲ୍ଲାର୍ ରେଙ୍ଗାଲି ବ୍ଲକ୍ କୁଦୋପାଲି ଗାଁଠାନୁ ଶହୀଦ୍ ସ୍ଥଲ୍ କୁଦୋପାଲି ଘାଟିକେ ଦିନର୍ ୧୦ ବଜେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ସହେତେ ବହୁବିଶିଷ୍ଟ ବ୍ୟକ୍ତି ଆର୍ ଜନସାଧାରଣ୍ ପଦଯାତ୍ରା କର୍‌ବେ । ୧୧ ବଜେ ଶହୀଦ୍ ସ୍ଥଲ୍ ନ ଗୁଟେ ଶ୍ରଦ୍ଧାଞ୍ଜଲି ସଭା ହେବା । ଇତାର୍ ଆଘୋନୁ ସଖାଲର୍ ୮ ବଜେ ସମ୍‌ଲେଇ ମନ୍ଦିର୍‌ନୁ ଗୁଟେ ମଶାଲ୍ ଶୋଭାଯାତ୍ରା ବାହାରିକରି ଶହୀଦ୍ ସ୍ଥଲ୍‌କେ ପୁହୁଁଚିବା ।

କୃଷି ଯନ୍ତ୍ରପାତି ମେଳା          ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା କୁଚିଣ୍ଡା କଲେଜ୍ ପଡ଼ିଆ ଠାନେ ୩ ଦିନ୍ ହେଲା ଚାଲିଥିବା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ରଏବାର୍ ଉଦ୍‌ଯାପିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାୟକ୍ କୁନୁଆଁ ଭାବେ ଯୋଗ୍ ଦେଇକରି କହିଛନ୍, କୁଚିଣ୍ଡା ଉପଖଣ୍ଡ ନ ବହୁତ୍ ମାତ୍ରାଥି ଶାଲ୍‌ମଞ୍ଜି ଆର୍ ମହୁଲ୍ ଠୋଲ୍ ହେଉଛେ । ଇଟାକେ ବିଶ୍ୱ ଦର୍‌ବାର୍‌କେ ପୁହୁଁଚାଯିବାର୍‌କେ ମନ୍ତ୍ରୀ କହିଥିଲେ । ଇଥି ଚାଷ୍ ସମ୍ବନ୍ଧିତ୍ ଆର୍ କୃଷି ଯନ୍ତ୍ରପାତିକେ ନେଇକରି ଭିନ୍ ଭିନ୍ ଷ୍ଟଲ୍ ଲାଗିଥିଲା ।

ନାଟକ୍- ଉଦ୍‌ଯାପିତ       ଆର୍‌ଏନ୍‌ୟୁ / ସମ୍ବଲପୁର

ଝାଡୁଆପଡ଼ା ଆରଣ୍ୟକ ମଂଚ ଠାନେ ଚାଲିଥିବା ବୀର ସୁରେନ୍ଦ୍ର ସାଏ ୨୭ ନମ୍ବର୍ ରାଜ୍ୟସ୍ତରୀୟ ସମ୍ବଲ୍‌ପୁରୀ ନାଟକ୍ ପ୍ରତିଯୋଗିତା ଉଦ୍‌ଯାପିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆର୍ ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ଯୋଗ୍ ଦେଇଥିଲେ । ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ଯେ, ନାଟକ୍ ଭଲ୍ ହେଲେ ସମାଜ୍ ସ୍ଥିର୍ ହେବା । ଗଲା ଡିସେମ୍ବର୍ ୨୪ ତାରିଖ୍‌ନୁ

ମୁଲ୍ ହେଇଥିବା ଇ ପ୍ରତିଯୋଗିତାଥି ୧୫ ଟା ନାଟକ୍ ପରିବେଷିତ୍ ହେଇଥିଲା । ଉଦ୍‌ଯାପନୀ ଅବ୍‌ସରେ ବିଚାରକ୍‌ମଣ୍ଡଲୀମାନ୍‌କର୍ ଦ୍ୱାରା ଫଲାଫଲ୍ ପ୍ରକାଶିତ୍ ହେଇଥିଲା ଆର୍ ଭିନ୍ ଭିନ୍ ବର୍ଗଥି କଲାକାର୍‌ମାନ୍‌କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ର ଆଏଜ୍ ୩ ନମ୍ବର୍ ଦିନେ ୟୁପି ରୁଦ୍ରାସ ଆର୍ ବେଦାନ୍ତ କଳିଙ୍ଗ ଲେନସର୍ସ ଦଲ୍ ଭିତ୍‌ରେ ରାଉର୍‌କେଲା ଠାନେ ମେଚ୍ ହେବା । ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ଖେଲ୍ ମୁଲ୍ ହେବା ।
ଗଲାକାଏଲ୍ ପହେଲା ମେଚ୍ ସ୍ରାଚି ରାହ ବେଙ୍ଗଲ୍ ଟାଇଗର୍ସ ୩-୨ ଗୋଲ୍‌ଥି ହାଇଦ୍ରାବାଦ୍ ତୋଫାନ୍‌କେ ହରେଇଛେ । ଦୁଇନମ୍ବର୍ ମେଚ୍‌ଥି ସୁର୍‌ମା ହକି କ୍ଲବ୍ ପେନାଲ୍‌ଟି ସୁଟ୍‌ଆଉଟ୍‌ଥି ୪-୧ ଗୋଲ୍ ଦେଇକରି ତାମିଲ୍‌ନାଡୁ ଡ୍ରାଗନ୍ସ୍‌କେ ହରେଇଛେ ।

କେସିଏସ୍‌ଏ କ୍ରିକେଟ୍ ଟୁର୍ଣ୍ଣାମେଂଟ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ରାଜା ଆର୍ତତ୍ରାଣ ହାଇସ୍କୁଲ୍ ପଡ଼ିଆଠାନେ ଚାଲିଥିବା ୨୧ ନମ୍ବର୍ କେସିଏସ୍ଏ କ୍ରିକେଟ୍ ଟୁର୍ଣ୍ଣାମେଂଟ୍ ଗଲାକାଏଲ୍ ଉଦ୍ଯାପିତ୍ ହେଇଯାଇଛେ । ଫାଇନାଲ୍ ମେଚ୍ଥି ଖଡ଼ିଆଲ୍ କେସିଏସ୍ଏ ଦଲ୍କେ ୩୪ ରନ୍ଥି ହରେଇକରି ବଲାଙ୍ଗିର୍ ଦଲ୍ ଚମ୍ପିଆନ୍ ହେଇଛେ ।

ପାଣିପାଗ ଆର୍ଏନ୍ୟୁ/ସମ୍ବଲ୍ପୁର୍

ଦେଶର୍ ପୂର୍ବ ଭାଗ୍ନ ହେଇଥିବା ଗୁରୁଚାପ୍ ବଲୟ ପଂଚିମ ମୁହାଁ ହେଇଥିବାର୍ନୁ ରାଏଜେ ଥଣ୍ଡା ପବନ୍ ବୁହିବାର୍ ମୁଲ୍ ହେଇଛେ । ଇତାର୍ବଲେ ଆଏଜ୍ଠାନୁ ଫେର୍ଘାଏ ଶୀତ୍ ବଢ଼ିଛେ । ଆଏବା କାଏଲ୍ ଭିଲ୍ ପାଗ୍ ଏନ୍ତା ରହେବା । ସମ୍ବଲ୍ପୁର୍, ବର୍ଗଡ଼୍, ବଲାଙ୍ଗିର୍, ନୂଆପଡ଼ା, କେନ୍ଦୁଝର୍, ମୟୁର୍ଭଞ୍ଜ୍ ଜିଲ୍ଲା ନ କମ୍ ନୁ ମଧମ୍ ଧରଣ୍ର କୁହୁଡ଼ି ଦେଖାଯିବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।